## ଟ୍ରାକ୍ଟର ଧକ୍କାରେ ବୃଦ୍ଧ ଗୁରୁତର

ଭେଡେନ, ୨୮।୨(ସମିସ): ଭେଡେନ ଥାନା ଅଧୀନ ଭେଡେନ ବାଇପାସ ନିକଟରେ ଏକ ଟ୍ରାକ୍ଟର ଧକ୍କାରେ ଜଣେ ବୃଦ୍ଧ ଗୁରୁତର ହେବାପରେ ତାଙ୍କୁ ବୁର୍ଲା ପଠାଯାଇଛି। ବକଟି ପଞ୍ଚାୟତ ଅଧୀନ ଅଦାବର ପାଲି ଗାଁର ନେହେରୁ ଲୁହା(୬୧) ଭେଡେନକୁ ବଜାର କରିବାକୁ ଆସିଥିଲେ। ସାନ୍ଧ୍ୟ ୭ଟାରେ ନିଜ ଘରକୁ ଫେରୁଥିବା ସମୟରେ ଏକ ନମ୍ବର ବିହୀନ ଟ୍ରାକ୍ଟର ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ରାସ୍ତାରେ ପଡ଼ିଯାଇଥିଲେ ଏବଂ ଆଉ ଉଠିପାରି ନଥିଲେ। ଲୋକମାନେ ତାଙ୍କୁ ଉଦ୍ଧାର କରି ଭେଡେନ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କର ପ୍ରାଥମିକ ଚିକିତ୍ସା କରିଥିଲେ ହେଁ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବୁର୍ଲା ପଠାଯାଇଛି। ଦୁର୍ଘଟଣା ଘଟାଇଥିବା ଡ୍ରାଇଭରକୁ ପୁଲିସ ଗିରଫ କରିବା ସହିତ ଟ୍ରାକ୍ଟରକୁ ଜବତ କରିଛି।

## ଦଶଘରିଆରେ ନାମ ଯଜ୍ଞ ସମାପନ

ଜମନକିରା, ୨୮।୨(ସମିସ): ଜମନକିରା ବ୍ଲକ ସଦର ମହକୁମାସ୍ଥିତ ଦଶଘରିଆପଡ଼ାରେ ଅଷ୍ଟପ୍ରହର ନାମ ଯଜ୍ଞ ଶୁକ୍ରବାର ସମାପନ କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛିକ୍ଷ।୨୫ ତାରିଖ କେଶବ ଠାକୁରଙ୍କ ଅଷ୍ଟପ୍ରହର ନାମ ଯଜ୍ଞ ପାଇଁ କଳସ ଯାତ୍ରା, ଯଜ୍ଞ ମଣ୍ଡପ ପ୍ରତିଷ୍ଠା ଏବଂ ୨୬ ତାରିଖ ସକାଳେ ଠାକୁର ମଣ୍ଡପକୁ ଆବାହନ, ସୂର୍ଯ୍ୟ ପୂଜା, ଠାକୁର ପୂଜା, ସର୍ବ ଦେବାଦେବୀ ପୂଜନ ସହ ମହାମନ୍ତ୍ର ଆରମ୍ଭ, ହୋମ ଆଳତୀପରେ ପୂର୍ଣ୍ଣାହୁତୀ ୧ ଟା ସମୟରେ ସମାପନ କରାଗଲା। ଜମନକିରା ଦଶଘରିଆରେ ନୂତନ ଭାବେ ଅଷ୍ଟ ପ୍ରହର ନାମଯଜ୍ଞ ଆରମ୍ଭ ହୋଇଛି।କର୍ତ୍ତା ଭାବରେ ଛତୁ କଲେତ ଓ ଲୀନା ପାତ୍ର ଏବଂ ଦଶଘରିଆ ପଡ଼ାବାସୀଙ୍କ ଉଦ୍ୟମରେ ନାମ ଯଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କିଶୋର ବାଘ, ସୁରେଶ ବାଘ, ସୁରେନ୍ଦ୍ର ବୁଡ଼ା, ଅଶୋକ ଜାମୁଡାଳିଆ, ବିନୋଦ ନାଏକ, ବୀଣାପାଣି ନାଏକ, ରବି ଭଞ୍ଜ, ନାରାୟଣ ନାଏକ ପ୍ରମୁଖ ସହଯୋଗ କରିଥିଲେ।

## ଲାଲ୍ ଯୋଗେନ୍ଦ୍ରନାଥ ସିଂ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ପ୍ରସ୍ତୁତି

ମେଲଛାମୁଣ୍ଡା, ୨୮।୨(ସମିସ): ବରଗଡ଼ ଜିଲ୍ଲା ଘେଁସରେ ଆସନ୍ତା ମାର୍ଚ୍ଚ ଦ୍ୱିତୀୟ ସପ୍ତାହରେ 'ଲାଲ୍ ଯୋଗେନ୍ଦ୍ରନାଥ ସିଂ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ' ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ଏଲ୍‌ଜେଏନ୍‌ଏସ୍ ଆଥଲେଟିକ ଆସୋସିଏସନ ପକ୍ଷରୁ ପ୍ରସ୍ତୁତି ବୈଠକ ହୋଇଯାଇଛି। ଆସୋସିଏସନର ସଭାପତି ଗୋକୁଳଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଟୁର୍ଣ୍ଣାମେଣ୍ଟର ପରିଚାଳନା ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ମାର୍ଚ୍ଚ ଦ୍ୱିତୀୟ ସପ୍ତାହରୁ ଏହି କ୍ରୀଡ଼ା ମହାକୁମ୍ଭ ଆରମ୍ଭ ହେବ ବୋଲି ସ୍ଥିରୀକୃତ ହୋଇଥିଲା। ଓଡ଼ିଶାର ବିଭିନ୍ନ ଜିଲ୍ଲା ସମେତ ପଡୋଶୀ ଛତିଶଗଡ଼ରୁ ମୋଟ ୮ଟି ଫୁଟବଲ ଦଳ ଅଂଶଗ୍ରହଣ କରିବେ। ବୈଠକରେ ଅମୀୟ ପଟେଲ, ଜଗବନ୍ଧୁ ସାହୁ, ରାମ ପାଣ୍ଡେ, ସୁଦୀପ ସାହୁ, ଅନନ୍ତ ଦାସ, ରଞ୍ଜନ ବରିହା, ଦିଲୀପ ମେହେର, ସୁବ୍ରତ ସାହୁ, ରିହାନ ସାହୁ, ନିରଞ୍ଜନ ଖର୍ସେଲ, ଅମୃତ ପଟେଲ, ସାଜନ ପାତ୍ର, ମିନିକେତନ ପାଣିଗ୍ରାହୀ, ଘନଶ୍ୟାମ ଗିଙ୍ଗିରାଙ୍କ ସମେତ ଆଥଲେଟିକ ଆସୋସିଏସନର ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ଶେଷରେ ଜଗବନ୍ଧୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ନୃସିଂହନାଥ ଗନ୍ଧମାର୍ଦ୍ଦନ ବିକାଶ ପରିଷଦର ଅଧିବେଶନ

ପଦ୍ମପୁର, ୨୮।୨(ସମିସ): ନୃସିଂହନାଥ ଗନ୍ଧମାର୍ଦ୍ଦନ ବିକାଶ ପରିଷଦର ଦ୍ୱିତୀୟ ଅଧିବେଶନ ଶନିବାର ପଦ୍ମପୁର ରାଜବୋଡାସମ୍ବର ବ୍ଲକ ଅଧୀନ ସର୍ଗିଜୁରୀ ଗ୍ରାମ୍ୟ ଛକଠାରେ ପରିଷଦର ଉପଦେଷ୍ଟା ସଂଗ୍ରାମୀ ସଞ୍ଜୟ ବହିଦାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ନୃସିଂହନାଥ ଗନ୍ଧମାର୍ଦ୍ଦନ ପର୍ବତ ଅଞ୍ଚଳର ବିକାଶ ପାଇଁ ରାଜ୍ୟ ସରକାର ଓ କେନ୍ଦ୍ର ସରକାର କୌଣସି ପଦକ୍ଷେପ ନେଉ ନଥିବା ବେଳେ ଗନ୍ଧମାର୍ଦ୍ଦନରେ ଖଣି ଖନନ ପାଇଁ ପରୋକ୍ଷ ଇଙ୍ଗିତ କରାଯାଉଥିବାରୁ ସଭାରେ ପରିବେଶ ପ୍ରେମୀମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଗନ୍ଧମାର୍ଦ୍ଦନର ବିକାଶ ପାଇଁ ଆସନ୍ତା ବଜେଟ୍ ଅଧିବେଶନରେ ସରକାର ଯଦି ବିଶେଷ ଆର୍ଥିକ ବ୍ୟବସ୍ଥା ଗ୍ରହଣ ନକରିବେ ତେବେ ପରିଷଦ ତରଫରୁ ଭୟଙ୍କର ଜନ ଆନ୍ଦୋଳନ କରାଯାଇ ପଦ୍ମପୁର ଉପଖଣ୍ଡ ସରକାରୀ କଳକୁ ଅଚଳ କରି ଦିଆଯିବ ବୋଲି ପରିଷଦ ତରଫରୁ ଚେତାବନୀ ଦିଆଯାଇଛି। ଆଜିର ଦ୍ୱିତୀୟ ଅଧିବେଶନ ପରିଷଦର କେନ୍ଦ୍ରୀୟ ଆବାହକ ସଂଗ୍ରାମୀ ରାଜ ସେଠ, ପଦ୍ମପୁର ବ୍ଲକ ସଂଯୋଜକ ନନ୍ଦଲାଲ ପଟେଲଙ୍କ ଦ୍ୱାରା ଆହୂତ ହୋଇଥିଲା। ତ୍ରିନାଥ ଲୁହାର, ଉତ୍ତମ ଡନସନା, ମୋହନ ବରିହା, ଲୋକନାଥ ସାହୁ, କିଶୋର ପଟେଲଙ୍କ ସମେତ ଶତାଧିକ ପରିବେଶ ପ୍ରେମୀ ଏଥିରେ ଯୋଗ ଦେଇଥିଲେ। ଶେଷରେ ଚନ୍ଦ୍ରହାସ୍ୟ ଛତର ଧନ୍ୟବାଦ ଅର୍ପଣ କରିଥିଲେ।

## ନନ୍ଦ କିଶୋର ତ୍ରିପାଠୀଙ୍କ ପରଲୋକ



ପାଇକମାଳ, ୨୮।୨(ସମିସ): ପାଇକମାଳ ନୃସିଂହପଡ଼ା ନିବାସୀ ନନ୍ଦ କିଶୋର ତ୍ରିପାଠୀ (୮୫)ଙ୍କ ଶନିବାର ପରଲୋକ ଘଟିଛି। ତାଙ୍କ ମୃତ୍ୟୁ ଖବର ପାଇବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତିମାନେ ତାଙ୍କ ଶେଷ ଦର୍ଶନ କରିଥିଲେ। ବଡ ପୁଅ ଡୋଲାମଣୀ ତ୍ରିପାଠୀ ମୁଖାଗ୍ନି ଦେଇଥିଲେ।

## ଗୌର ବାରିକଙ୍କୁ ଶ୍ରଦ୍ଧାଞ୍ଜଳି

ବିଜେପୁର, ୨୮।୨(ସମିସ): ବିଜେପୁର ବ୍ଲକ ଅଧୀନ ପଡ଼ା ଗାଁରେ ଶନିବାର ସ୍ୱର୍ଗତ ଗୌର ବାରିକଙ୍କ ଶୁଦ୍ଧିକ୍ରିୟାରେ ବିଜେପୁର ବିଧାୟକ ସନତ ଗଡ଼ତୀୟା ଯୋଗଦେଇ



ପରିବାରବର୍ଗଙ୍କୁ ସାନ୍ତ୍ୱନା ଜଣାଇଛନ୍ତି। ଦିବଂଗତ ଗୌର ବାରିକ ଜଣେ ସମ୍ମାନିତ ଓ ସରଳ ବ୍ୟକ୍ତି ଭାବେ ପରିଚିତ ଥିଲେ। ତାଙ୍କ ବିୟୋଗ ଅଞ୍ଚଳ ପାଇଁ ଏକ କ୍ଷତି ବୋଲି ବିଧାୟକ କହିଥିଲେ। ତିନି ପୁଅ ତୀର୍ଥ ବାରିକ, ଆନନ୍ଦ ବାରିକ ଓ ପ୍ରଫୁଲ୍ଲ ବାରିକ ସହ ପରିବାର ସଦସ୍ୟ ବୃନ୍ଦ ଉପସ୍ଥିତ ଥିଲେ। ଗାଁର ବିଭିନ୍ନ ମାନ୍ୟଗଣ୍ୟ ବ୍ୟକ୍ତି ଓ ଗ୍ରାମବାସୀ ଯୋଗଦେଇ ସ୍ୱର୍ଗତ ବାରିକଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

# ବରଗଡ଼ରେ ରାଜ୍ୟର ପ୍ରଥମ ମହିଳା ରକ୍ତଦାନ ଶିବିର

ବରଗଡ଼, ୨୮।୨(ସମିସ)



ପଶ୍ଚିମ ଓଡ଼ିଶାର ବରଗଡ଼ ଜିଲ୍ଲାରେ ରକ୍ତଦାନ କ୍ଷେତ୍ରରେ ମହିଳାଙ୍କ ଭାଗିଦାରୀ ଏକ ପରିବର୍ତ୍ତିତ ଚିତ୍ରକୁ ପ୍ରକାଶ କରିଛି। ଶନିବାର ରାଜ୍ୟରେ କେବଳ ମହିଳାଙ୍କୁ ନେଇ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ୨୦୨୩ର ତଥ୍ୟ ଅନୁସାରେ ବରଗଡ଼ରେ ମୋଟ ୧୯୧୫୮ ଜଣ ରକ୍ତଦାତା ରକ୍ତଦାନ କରିଥିବା ବେଳେ ସେଥିରୁ କେବଳ ୯୭୭ ଜଣ ମହିଳା ରହିଥିଲେ। ଅର୍ଥାତ୍ ମୋଟ ରକ୍ତଦାତାଙ୍କର ମାତ୍ର ୫.୨% ମହିଳା ଥିଲେ। ୨୦୨୪-୨୦୨୫ ମଧ୍ୟରେ ଏହି ସଂଖ୍ୟା କେବଳ ୩% ବୃଦ୍ଧି ପାଇଛି। ଅର୍ଥାତ୍ ୮% ମହିଳା ଅନ୍ତର୍ଭୁକ୍ତ ହୋଇଛନ୍ତି। ରାଜ୍ୟସ୍ତରରେ ଜାତୀୟ ଏଡସ୍ ନିୟନ୍ତ୍ରଣ ସଂଗଠନ ଓ ଜାତୀୟ ରକ୍ତ ଟ୍ରାନ୍ସଫ୍ୟୁଜନ ପରିଷଦଙ୍କ ୨୦୨୨-୨୩ ରିପୋର୍ଟ ଅନୁଯାୟୀ ଓଡ଼ିଶାରେ ପ୍ରତିବର୍ଷ ପ୍ରାୟ ୯ରୁ ୧୦ ଲକ୍ଷ ୟୁନିଟ୍ ରକ୍ତ ସଂଗ୍ରହ ହେଉଛି। ଏଥିରେ ମହିଳାଙ୍କ ଭାଗିଦାରୀ ୮ରୁ ୧୨% ମଧ୍ୟରେ ସୀମିତ। ପୂର୍ବରୁ ବାର୍ଷିକ ରକ୍ତ ସଂଗ୍ରହ ୬ରୁ ୭ ଲକ୍ଷ ୟୁନିଟ୍ ଥିବା ବେଳେ ମହିଳା ଭାଗିଦାରୀ ୬୮% ଥିଲା। ଅର୍ଥାତ୍ ରକ୍ତଦାତାଙ୍କ ସଂଖ୍ୟା ବଢ଼ିଥିଲେ ମଧ୍ୟ ଲିଙ୍ଗଗତ ଅସମତା ଏପର୍ଯ୍ୟନ୍ତ ରହିଛି। ଏହି ପରିପ୍ରେକ୍ଷିରେ ନେହେରୁ ଆସୋସିଏସନ ମହିଳା ସମିତି ପକ୍ଷରୁ ଏକ ସଚେତନତାମୂଳକ ସ୍ୱତନ୍ତ୍ର ମହିଳା ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଏଥିରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଶିକ୍ଷୟିତ୍ରୀ, ଛାତ୍ରୀ ଓ ମହିଳା ମାନେ ଏହିପରି ୩୩ଜଣ ମହିଳା ରକ୍ତଦାନ କରିଥିଲେ। ଶିବିରକୁ ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ, ଜିଲ୍ଲା ପରିଷଦ ସଭାପତି ମାନିନୀ ଭୋଇ, ପୌରାଧ୍ୟକ୍ଷା କଳ୍ପନା ମାଝି, ଫର୍ ଅଧ୍ୟକ୍ଷା ମିନାକ୍ଷୀ ମିଶ୍ର ଉଦ୍‌ଘାଟନ କରିଥିଲେ। ବିଧାୟକ ଅଶ୍ୱିନୀ ଷଡଙ୍ଗୀ ଓଡ଼ିଶାରେ ପ୍ରଥମଥର ବରଗଡ଼ରେ ସ୍ୱତନ୍ତ୍ର ମହିଳା ରକ୍ତଦାନ ଶିବିର ଆୟୋଜନ ହେବା ଗର୍ବର ବିଷୟ ବୋଲି କହିଥିଲେ। ମହିଳାମାନେ ଆଗକୁ ଆସିଲେ, ଜିଲ୍ଲାର ସ୍ୱାସ୍ଥ୍ୟ ସୁରକ୍ଷା ଆହୁରି ମଜବୁତ ହେବ ବୋଲି ପ୍ରକାଶ କରିବା ସହ ଆନିମିଆ ନିୟନ୍ତ୍ରଣ ଓ ପୋଷଣ ସଚେତନତାକୁ ଜୋରଦାର କରିବାକୁ ବିଧାୟକ ଆହ୍ୱାନ ଦେଇଥିଲେ। ଜିଲ୍ଲା ପରିଷଦ ସଭାପତି ମାନିନୀ ଭୋଇ ସ୍ୱାସ୍ଥ୍ୟରେ ସ୍ୱାଧୀନତା ହିଁ ସଠିକ୍ ମହିଳା ସଶକ୍ତିକରଣ ବୋଲି କହିଥିଲେ। ପୌରାଧ୍ୟକ୍ଷା କଳ୍ପନା ମାଝି ମହିଳାଙ୍କୁ ଭ୍ରାନ୍ତଧାରଣା ଛାଡି ରକ୍ତଦାନରେ ଯୋଗ ଦେବାକୁ କହିଥିଲେ। ଆନିମିଆ, ପୋଷଣ ଅଭାବ ଓ ସାମାଜିକ ଭ୍ରାନ୍ତି ମହିଳାଙ୍କୁ ପଛକୁ ଟାଣୁଛି ଏବଂ ଗ୍ରାମୀଣ ସ୍ତରରୁ ହିମୋଗ୍ଲୋବିନ୍ ସଚେତନତା ବଢ଼ାଇଲେ ପରିବର୍ତ୍ତନ ସମ୍ଭବ ବୋଲି ସମିତି ସଭାପତି ସୁଷମା ମତ ରଖିଥିଲେ। ସମ୍ପାଦିକା ଅନୁପମା ମିଶ୍ର ଶିବିର ଏକ ସଚେତନତା ବାର୍ତ୍ତା ଦେବ ବୋଲି କହିଥିଲେ। ରକ୍ତଦାନ

**ରକ୍ତଦାନରେ ମହିଳାଙ୍କ ସହଭାଗିତା ୫%ରୁ ୮% ପର୍ଯ୍ୟନ୍ତ ବୃଦ୍ଧି**

ଶିବିର ଆୟୋଜନ କରୁଥିବା ନିଷ୍ଠା ପରିବାରର ସଦସ୍ୟ, ସଙ୍କଳ୍ପ ପରିବାରର ସଭାପତି ବିକାଶ ଅଗ୍ରୱାଲ ତଥା ଅନ୍ୟ ସଦସ୍ୟ ମାନେ ଭାବେ ଉପସ୍ଥିତ ହୋଇ ମହିଳା ରକ୍ତଦାନ ଶିବିର ଆୟୋଜକଙ୍କୁ ମାର୍ଗଦର୍ଶନ କରିଥିଲେ। ସ୍ୱାସ୍ଥ୍ୟ ବିଶେଷଜ୍ଞ ଡ.ଅଜିତ ଦର୍ଜୀ କହିଲେ, ଅନିମିଆର ଅଭାବ, ପରିବାରିକ ଦାୟିତ୍ୱ ଓ କମ୍ ହିମୋଗ୍ଲୋବିନ୍ ସ୍ତର ମହିଳାଙ୍କୁ ଅଯୋଗ୍ୟ କରୁଛି। ବରଗଡ଼ରେ ଅଧିକ ମହିଳାଙ୍କ ସହଭାଗୀତା ଜିଲ୍ଲାର ସ୍ୱାସ୍ଥ୍ୟ ସୂଚକଙ୍କୁ ନୂତନ ଦିଗ ଦେଇପାରିବ ବୋଲି ମତ ପ୍ରକାଶ ପାଇଥିଲା।

## ବ୍ଲକ୍‌ସ୍ତରୀୟ ମହିଳା ଦିବସ ପାଳନ ପାଇଁ ପ୍ରସ୍ତୁତି



ଝାରବନ୍ଧ, ୨୮।୨(ସମିସ): ସମାଜରେ ନାରୀ ସଶକ୍ତିକରଣ, ସଚେତନତା ତଥା ଉତ୍ସାହ ପ୍ରଦାନ ପାଇଁ ଜର୍ଣ୍ଣାଲିଷ୍ଟ ଆସୋସିଏସନ ଝାରବନ୍ଧ ପକ୍ଷରୁ ବ୍ଲକସ୍ତରୀୟ ବିଶ୍ୱ ମହିଳା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ ହୋଇଛି। ଝାରବନ୍ଧ ଡିଗ୍ରୀ କଲେଜର ରେଡକ୍ରସ ଓ ଏନଏସଏସ ୟୁନିଟର ସହଯୋଗରେ କଲେଜ ପ୍ରାଙ୍ଗଣରେ କଲେଜ ଅଧ୍ୟକ୍ଷ ଶ୍ୟାମ ସୁନ୍ଦର ବେହେରାଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଝାରବନ୍ଧ ଅଞ୍ଚଳର ବୁଦ୍ଧିଜୀବୀ, ସ୍କୁଲ କ୍ୟାବିନେଟର ମୀନା ମନ୍ତ୍ରୀମାନେ, ମହିଳା କର୍ମୀ, ସଫଳ ସ୍ୱୟଂ ସହାୟିକା ଗୋଷ୍ଠୀ, ସଫଳ ମହିଳା ଉଦ୍ୟୋଗୀ ଓ ସଫଳ ମହିଳା ଚାଷୀମାନଙ୍କୁ ସାମିଲ କରି କାର୍ଯ୍ୟକ୍ରମ ଆୟୋଜନ ପାଇଁ ଯୋଜନା ହୋଇଛି। ଅଞ୍ଚଳର ସଫଳ ମହିଳାମାନଙ୍କୁ ସମ୍ମାନିତ କରାଯିବା ପାଇଁ ମଧ୍ୟ ପ୍ରସ୍ତାବ ଗୃହୀତ ହୋଇଥିଲା। ବୈଠକରେ କଲେଜର ପୂର୍ବତନ ସଭାପତି ନନ୍ଦଲାଲ ମହାପାତ୍ର, ଗ୍ରାମ୍ୟ କମିଟି ସଭାପତି ମୋହନ ପ୍ରଧାନ, ଅବସରପ୍ରାପ୍ତ ଶିକ୍ଷକ ଜଗଦୀଶ ସାହୁ, ବରିଷ୍ଠ ବିଜେପି ନେତା ଦୁର୍ଗା ପ୍ରସାଦ ଅଗ୍ରୱାଲ, ମଣ୍ଡଳ ସଭାପତି ସତ୍ୟମ ପ୍ରଧାନ, ଆଧା କମିଟି ସଭାପତି ସତ୍ୟ ପ୍ରଧାନ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ହରିହର ସାହୁ, ଜିଲ୍ଲା ପରିଷଦ ସଭ୍ୟ ସନ୍ତୋଷ ବେହେରା, ଜୟ ନିଗମ, ରୋଶନ ଅଗ୍ରୱାଲ, ନନ୍ଦ କିଶୋର ଅଗ୍ରୱାଲ, ଗୋବିନ୍ଦ ପଟେଲ, ମାଧୋ ସିଂ କ୍ରାନ୍ତି ବାହିନୀର ସଭାପତି ଅନିଲ ଲୁହାର ଓ କୋଶଳ ସେନାର ସନାତନ ପାଣ୍ଡେ ସମେତ ଅନ୍ୟାନ୍ୟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ। ରେଡ୍‌କ୍ରସର କାଉନସିଲର ମିନପ୍ରଭା ପ୍ରଧାନ, ଅଧ୍ୟାପିକା ରଶ୍ମି ମହାଲିଙ୍ଗ, ଜର୍ଣ୍ଣାଲିଷ୍ଟ ଆସୋସିଏସନ ଝାରବନ୍ଧର ସମ୍ପାଦକ ସୋମନାଥ ବାଗ ଓ ମିଡିଆ ପ୍ରଭାରୀ ନାରାୟଣ ଶତନାମୀ ମଧ୍ୟ ବୈଠକରେ ସାମିଲ ଥିଲେ। ଶେଷରେ ସାମ୍ବାଦିକ ମୋତିଲାଲ ବାଗ ଧନ୍ୟବାଦ ଜ୍ଞାପନ କରିଥିଲେ।

## ଓସିଏ ଅମ୍ପାୟାର ପରୀକ୍ଷାରେ ହୋନୁ ଅଗ୍ରୱାଲ ପ୍ରଥମ



ପଦ୍ମପୁର, ୨୮।୨(ସମିସ): କ୍ରିକେଟ ଅମ୍ପାୟାର ପରୀକ୍ଷାରେ ରାଜ୍ୟସ୍ତରରେ ଶୀର୍ଷରେ ରହି ହୋନୁ ଅଗ୍ରୱାଲ କୁଚିପାଲି ଗାଁ ତଥା ସମଗ୍ର ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ବରଗଡ଼ ଜିଲ୍ଲା କୁଚିପାଲି ଗାଁର ଜିତେନ୍ଦ୍ର ଅଗ୍ରୱାଲ ଓ ସନ୍ତୋଷୀ ଅଗ୍ରୱାଲଙ୍କ ପୁତ୍ର ହୋନୁ ଅଗ୍ରୱାଲ (୨୨) ଓଡ଼ିଶା କ୍ରିକେଟ ଜଗତରେ ଏହି ସଫଳତା ହାସଲ କରିଛନ୍ତି। ନିକଟରେ ଅନୁଷ୍ଠିତ ଓଡ଼ିଶା କ୍ରିକେଟ ଆସୋସିଏସନ ଅମ୍ପାୟାର ପରୀକ୍ଷାରେ ସେ ସମଗ୍ର ଓଡ଼ିଶାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ହୋନୁ କୁଚିପାଲି ପଞ୍ଚାୟତ ହାଇସ୍କୁଲରୁ ମାଟ୍ରିକ ଏବଂ ପଦ୍ମପୁର ଜୟଦେବ ଇନଷ୍ଟିଚ୍ୟୁଟରୁ ସ୍ନାତକ ଡିଗ୍ରୀ ହାସଲ ପରେ ବର୍ତ୍ତମାନ ବିଏଡ ପାଠ୍ୟକ୍ରମରେ ଅଧ୍ୟୟନରତ। ଏହି ସଫଳତା ପାଇଁ ସେ ନିଜ ପିତାମାତାଙ୍କ ଆଶୀର୍ବାଦ, ବରିଷ୍ଠ ଓସିଏ ଅମ୍ପାୟାର ନାରାୟଣ ମେହେର, ସଚ୍ଚିଦାନନ୍ଦ ପଣ୍ଡା ଓ ଅକ୍ଷୟ ସାହାଣୀଙ୍କ ମାର୍ଗଦର୍ଶନ ଏବଂ କ୍ରିକେଟ ପରିବାରର ସମସ୍ତ ସଦସ୍ୟଙ୍କ ସମର୍ଥନ ପାଇଁ ସମ୍ଭବ ହୋଇପାରିଛି ବୋଲି କହିଛନ୍ତି। ବିଭିନ୍ନ କ୍ରୀଡା ଅନୁଷ୍ଠାନ ଓ ସ୍ଥାନୀୟ ବୁଦ୍ଧିଜୀବୀ ତାଙ୍କୁ ଅଭିନନ୍ଦନ ଜଣାଇବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ଆପ୍ ପକ୍ଷରୁ ଉତ୍ସବ ପାଳନ

ସମ୍ବଲପୁର, ୨୮।୨(ସମିସ): ଦିଲ୍ଲୀ ଅଦାଲତରୁ ଆମ୍ ଆଦମୀ ପାର୍ଟିର ୨୩ ଜଣକୁ ମଦ ନୀତି ବିରୁଦ୍ଧରେ ଚାଲିଥିବା କେସରୁ ନିର୍ଦ୍ଦୋଷ ପ୍ରମାଣିତ ହେବା ଖୁସିରେ ଆଜି ଆମ୍ ଆଦରୀ ପାର୍ଟି ସମ୍ବଲପୁର ଶାଖା ପକ୍ଷରୁ ଉତ୍ସବ ପାଳନ କରାଯାଇଥିଲା। ଜିଲ୍ଲାପାଳ କାର୍ଯ୍ୟାଳୟଠାରୁ



ଆରମ୍ଭ କରି ପୁରୁଣା ମ୍ୟୁନିସିପାଲିଟି ଅଫିସ ପର୍ଯ୍ୟନ୍ତ କର୍ମକର୍ତ୍ତା ଓ କର୍ମୀମାନେ ଦଳୀୟ ପତାକା ଧରି ମିଷ୍ଟାନ୍ନ ବଣ୍ଟନ କରୁଥିବା ଦେଖାଯାଇଥିଲା। ମହାନଗର ସଭାପତି ପ୍ରଶାନ୍ତ ମହାରଣା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କୁଞ୍ଜ ରୋହିଦାସ, ଭୂପେନ ସାହୁ, ଏସ୍‌ସି ସେଲ୍‌ଫର ସଭାପତି ବୀରକିଶୋର ଭୋଇସାଗର, ବରିଷ୍ଠ ସଦସ୍ୟ ବୀରେନ୍ଦ୍ର ପାଣିଗ୍ରାହୀ, ଗୋପବନ୍ଧୁ ଜଗଦଲ୍ଲା, ସିଦ୍ଧିକି, ତ୍ରିବିକ୍ରମ, ଲଳିତ, ଦଶରଥ, ଫକୀର, କେଶବ ପ୍ରମୁଖ ଉପସ୍ଥିତ ଥିଲେ।

## ଡୁମାଲ ଜାତିର ଅଞ୍ଚଳସ୍ତରୀୟ ସାଙ୍ଗଠନିକ ବୈଠକ

ବରଗଡ଼, ୨୮।୨(ସମିସ): ଅଞ୍ଚଳର ଉମା ମାହେଶ୍ୱରୀ ମନ୍ଦିର, ଗମ୍ଭାରୀପାଲି ଠାରେ ଗମ୍ଭାରୀପାଲି ଓ ଚାରପାଲି କେନ୍ଦ୍ରର ଡୁମାଲ ଜାତିଭାଇ ମାନଙ୍କୁ ନେଇ ଏକ ଅଞ୍ଚଳସ୍ତରୀୟ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଛି। ମାଁ ମାହେଶ୍ୱରୀ ମନ୍ଦିର ପରିଚାଳନା କମିଟିର ସମ୍ପାଦକ ସୁଶୀଳ ପ୍ରଧାନ ଏଥିରେ ସଭାପତିତ୍ୱ କରିଥିଲେ। ଡୁମାଲ ପରିଷଦ ଓଡ଼ିଶାର ରାଜ୍ୟ ସଭାପତି ଦୟାସାଗର ମେଣ୍ଡଲୀ ମୁଖ୍ୟ ଅତିଥି ଓ ବରଗଡ଼ ଜିଲ୍ଲା ସଭାପତି ଗଣେଶ ପ୍ରଧାନ, ସମ୍ବଲପୁର ଜିଲ୍ଲା ଉପସଭାପତି କପିଳେନ୍ଦ୍ର ମହାକୁର, ଚାରପାଲି କେନ୍ଦ୍ର ଉପସଭାପତି ଦିଲୀପ ପ୍ରଧାନ ଓ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଛନ୍ଦ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଗମ୍ଭାରୀପାଲି କେନ୍ଦ୍ର ସଭାପତି ସ୍ୱର୍ଗତ ପ୍ରେମରାଜ କମ୍ପ ଓ କରଡୋଳା ପଞ୍ଚାୟତର ପୂର୍ବତନ ସରପଞ୍ଚ ସ୍ୱର୍ଗତ ମୁରଲୀଧର ଛୁରିଆଙ୍କ ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ସର୍ବସମ୍ମତି କ୍ରମେ ଗମ୍ଭାରୀପାଲି କେନ୍ଦ୍ର ସଭାପତି ରୂପେ ସୁଶୀଳ ପ୍ରଧାନଙ୍କୁ ମନୋନୀତ କରାଯାଇଥିଲା। ରବୀନ୍ଦ୍ର ମହାକୁର, ବିରାଟ ମେଣ୍ଡଲୀ, ଦୁର୍ଗେଶ ଛୁରିଆ, ଟିକେଶ୍ୱର କମ୍ପ ଓ ମିଳନ ପ୍ରଧାନଙ୍କୁ ନୂତନ ଭାବେ ଗମ୍ଭାରୀପାଲି କେନ୍ଦ୍ରର କାର୍ଯ୍ୟକାରୀ ସଦସ୍ୟ ଭାବେ ମନୋନୀତ କରାଯାଇଥିଲା। ମାର୍ଚ୍ଚ ୧୫ ଓ ୧୬ରେ ହେବାକୁ ଥିବା ରାଜ୍ୟସ୍ତରୀୟ ଡୁମାଲ ମହାସଭା ପାଇଁ ରାଜ୍ୟସ୍ତରୀୟ ଡୁମାଲ ମହାସଭା କମିଟି ତରଫରୁ ସମସ୍ତ ଗାଁର ଡୁମାଲ ଜାତିଭାଇ ମାନଙ୍କୁ ମହାସଭାରେ ଯୋଗ ଦେବାକୁ ଅନୁରୋଧ କରାହୋଇଥିଲା। ମାଁ ମାହେଶ୍ୱରୀ ମନ୍ଦିରର ସମ୍ପ୍ରସାରଣ ପାଇଁ ଆଞ୍ଚଳିକ ମହାକୁର ଥିବା ସନ୍ତୋଷ ମହାକୁର ଜମିଦାନ କରିବାକୁ ସହମତି ପ୍ରକାଶ କରିଥିଲେ। ମନ୍ଦିର କମିଟି ଓ ଉଭୟ କେନ୍ଦ୍ର ତରଫରୁ ତାଙ୍କୁ ଧନ୍ୟବାଦ ଅର୍ପଣ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ମନ୍ଦିର ପରିଚାଳନା କମିଟିର କୋଷାଧ୍ୟକ୍ଷ ଜୟନ୍ତ କର୍ଣ୍ଣ ଧନ୍ୟବାଦ ଅର୍ପଣ କରିଥିଲେ।

## ଭ୍ରାମ୍ୟମାଣ ପାଠାଗାର କାର୍ଯ୍ୟକ୍ରମ

ବରଗଡ଼, ୨୮।୨(ସମିସ): ମୋବାଇଲ ମନସ୍କ ଶିଶୁ ଓ କିଶୋର ମାନଙ୍କୁ ପୁସ୍ତକ ମନସ୍କ କରାଇବା ଲକ୍ଷ୍ୟରେ ବରଗଡ଼ର 'ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାର' ରାଜ୍ୟ ପରିକ୍ରମା କରୁଛି। ଏହାସହ



ରାଜ୍ୟର ବିଭିନ୍ନ ଜିଲ୍ଲାରେ ପାଠାଗାର କାର୍ଯ୍ୟକ୍ରମ ଜାରି ରଖିଛି। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲ୍ଲାର ସୋର ସ୍ଥିତ ଲିଙ୍ଗପଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସର ମଧ୍ୟରେ 'ପିଲାଙ୍କ ପାଖରେ ପାଠାଗାର' କାର୍ଯ୍ୟକ୍ରମର ଆୟୋଜନ କରିଛି। ଅତିଥି ଭାବେ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରତାପ ଚନ୍ଦ୍ର ଜେନା, ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ରମାକାନ୍ତ ମହାନ୍ତି ଓ ସହକାରୀ ଶିକ୍ଷୟିତ୍ରୀ ନମିତା ଶତପଥୀ ଅତିଥି ଭାବେ ଯୋଗ ଦେଇଥିଲେ। ପୁସ୍ତକ ପଠନର ଉପାଦେୟତା, ପୁସ୍ତକ କେମିତି ଚରିତ୍ର ଓ ବ୍ୟକ୍ତିତ୍ୱ ପରିବର୍ତ୍ତନରେ ସହାୟକ ହେବା ସହିତ ଜୀବନର ଲକ୍ଷ୍ୟ ହାସଲରେ ସହାୟକ ହୋଇଥାଏ ତାହା ମହାପୁରୁଷ ମାନଙ୍କ ଜୀବନୀରୁ ଉଦାହରଣ ଦେଇ ବୁଝାଇଥିଲେ। ପଠିତ ପୁସ୍ତକ ସମ୍ପର୍କରେ ବକ୍ତବ୍ୟ ରଖି ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଲକ୍ଷ୍ମୀପ୍ରିୟା ବେହେରା, ବିଶ୍ୱଜିତ ରଣା, ବିଜୟିନୀ ରଣା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରି ପୁରସ୍କୃତ ହୋଇଥିଲେ। କାର୍ଯ୍ୟକ୍ରମକୁ 'ଶିଶୁଶ୍ରୀ'ର ଆବାହକ ତଥା ଶିଶୁ ସାହିତ୍ୟିକ ଡ.ରବିନାରାୟଣ ସାହୁ ସଂଯୋଜନା କରି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ।

## ନୃସିଂହନାଥ ଆୟୁର୍ବେଦ କଲେଜର ବାର୍ଷିକୋତ୍ସବ

ପାଇକମାଳ, ୨୮।୨(ସମିସ): ପାଇକମାଳ ବ୍ଲକ ନୃସିଂହନାଥ ଆୟୁର୍ବେଦ କଲେଜର ୪୫ତମ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପରିଚାଳନା କମିଟିର ସଭାପତି ସତ୍ୟଭୂଷଣ ସାହୁଙ୍କ ଅଧ୍ୟକ୍ଷତାରେ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ସମ୍ବଲପୁର ଆଇଆଇଏମ ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜଶପାଲ, ମୁଖ୍ୟ ବକ୍ତା ଭାବେ ଛତିଶଗଡ଼ ବୋର୍ଡ ଆୟୁର୍ବେଦ ମେଡିସିନ ଡ.ସଞ୍ଜୟ ଶୁକ୍ଳା, ସମ୍ମାନିତ ଅତିଥି ଭାବେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ବଲାଙ୍ଗିର ପରୀକ୍ଷା ନିୟନ୍ତ୍ରକ ଡ.ଶ୍ୟାମଭୋଇ, ଅଭିରାମ ଠାକୁର, ସଞ୍ଜୁକ୍ତା ସେନ ଗୁପ୍ତା, ଅଖିଳେସ ସାହୁ, ପରିଚାଳନା କମିଟିର ବରିଷ୍ଠ ସଦସ୍ୟ ରୋହିତ ମିଶ୍ର, ବିନୋଦ କାଲିଆ, ରାମରତନ ପୁରୋହିତ, ସତ୍ୟନାରାୟଣ ତ୍ରିପାଠୀ, ସୁଶିଲ ମହାପାତ୍ର, ଅନିଲ ନାୟକ ପ୍ରମୁଖ ଯୋଗ ଦେଇଥିଲେ। କଲେଜର ଅଧ୍ୟକ୍ଷ ଡ.ଜଗବନ୍ଧୁ ମିଶ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଅତିଥିମାନେ ନୃସିଂହନାଥ କଲେଜର ଆୟୁର୍ବେଦ ଚିକିତ୍ସା ପଦ୍ଧତି ଓ ନିକଟସ୍ଥ ଗନ୍ଧମାର୍ଦ୍ଦନ ପର୍ବତରେ ଥିବା ଔଷଧୀୟ ବୃକ୍ଷ ଓ ଝରଣା ପାଣିର ସୁବିନିଯୋଗ ହେଉ ବୋଲି ମତପ୍ରକାଶ କରିଥିଲେ। ଶ୍ରେୟାଶ୍ରୀ ତ୍ରିପାଠୀ, ଶୃତିଶିଖା ମହାପତ୍ର, ଜୁନୁଲି ବାବୁ ସଭା ପରିଚାଳନା କରିଥିଲେ। କଲେଜର ସମ୍ପାଦକ ମନୋଜ ତ୍ରୀବେଦୀ ବାର୍ଷିକ ବିବରଣୀ ପଠନ କରିଥିଲେ। ସମସ୍ତ ଅତିଥି ଓ ପରିଚାଳନା କମିଟିର ସଭ୍ୟମାନଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ କୃତୀତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥି ମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଅତିଥି ମାନଙ୍କ ଦ୍ୱାରା ସ୍ମରଣୀକା ଅମ୍ରିତା ଉନ୍ମୋଚନ କରାଯାଇଥିଲା। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ଡ.ଅଭିରାମ ଠାକୁର ଧନ୍ୟବାଦ ଦେଇଥିଲେ।

# ସମ୍ବଲପୁର ସେଲେବ୍ରିଟି ଲିଗ୍ କ୍ରିକେଟ୍ ଉଦ୍‌ଘାଟିତ

ସମ୍ବଲପୁର, ୨୮।୨ (ସମିସ)



କମଶନର୍ସ କଲୋନୀ କ୍ରିକେଟ୍ କ୍ଲବ (ଫୋର୍-ସି) ପଡ଼ିଆରେ ଦୁଇଦିନିଆ କ୍ରିକେଟ୍ ପ୍ରତିଯୋଗିତା 'ସମ୍ବଲପୁର ସେଲିବ୍ରିଟି ଲିଗ୍ -୨୦୨୬' ଆଜି ବରିଷ୍ଠ କ୍ରୀଡ଼ାବିତ୍ ତଥା ଓଡ଼ିଶା କ୍ରିକେଟ୍ ଏସୋସିଏସନ୍ (ଓସିଏ)ର ପ୍ରାକ୍ତନ ଉପସଭାପତି ସାବିର୍ ହୁସେନଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଟିମ୍ ନ୍ୟୁଜ୍ ୱାରିୟରର ସତ୍ତ୍ୱାଧିକାରୀ ହରଜିତ ସିଂ ଭୁର୍ଜି(ବବି), ଟିମ୍ ଫୋକ୍ ଇଲେଭେନ୍‌ର ସତ୍ତ୍ୱାଧିକାରୀ ଅରୁଣ ତରିଆ, ଥିଏଟର ଲିଜେଣ୍ଡସ୍‌ର ସତ୍ତ୍ୱାଧିକାରୀ ଗଣେଶ ମହନ୍ତମ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏଥିରେ ଚାରୋଟି ଦଳ 'ଫୋକ୍ ଇଲେଭେନ୍', 'ଥିଏଟର ଲିଜେଣ୍ଡସ୍', 'ରକ୍‌ଷ୍ଟାର୍-୧୧' ଏବଂ 'ନ୍ୟୁଜ୍ ୱାରିଅର୍' ଅଂଶଗ୍ରହଣ କରୁଛନ୍ତି। ଉଭୟ ଦିନ ତିନୋଟି ଲେଖାଏ ଲିଗ୍ ମ୍ୟାଚ୍ ସହ ରବିବାର ଅପରାହ୍ଣରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ।

ଆଜି ଉଦ୍‌ଘାଟନୀ ମ୍ୟାଚ୍ 'ଫୋକ୍ ଇଲେଭେନ୍' ଓ 'ଥିଏଟର ଲିଜେଣ୍ଡସ୍' ମଧ୍ୟରେ ହୋଇଥିଲା। 'ଥିଏଟର୍ ଲିଜେଣ୍ଡସ୍' ଦଳ ପ୍ରଥମେ ବ୍ୟାଟିଂ ନେଇ ଗୋଟିଏ ୱିକେଟ୍ ହରାଇ ୧୩୧ ରନ୍‌ର ବିଶାଳ ସ୍କୋର ଛିଡ଼ା କରିଥିବାବେଳେ 'ଫୋକ୍ ଇଲେଭେନ୍' ଦଳ ନିର୍ଦ୍ଧାରିତ ୮ ଓଭରରେ ୪ ୱିକେଟ୍ ହରାଇ ମାତ୍ର ୮୧ ରନ୍ କରିପାରିଥିଲେ। 'ଥିଏଟର୍ ଲିଜେଣ୍ଡସ୍' ୫୦ ରନ୍ ବ୍ୟବଧାନରେ ବିଜୟୀ ହୋଇଥିଲେ। ଏଥିରେ ୬୫ ରନ୍‌ର ବିଶାଳ ସ୍କୋର କରିଥିବା ହିମାଂଶୁ ଶେଖର ସାହୁଙ୍କୁ 'ମ୍ୟାନ୍ ଅଫ୍ ଦ ମେଚ୍' ଘୋଷଣା କରାଯାଇଥିଲା। ଦ୍ୱିତୀୟ ଲିଗ୍ ମ୍ୟାଚ୍ 'ନ୍ୟୁଜ୍ ୱାରିୟର' ଓ 'ରକ୍‌ଷ୍ଟାର୍-୧୧' ମଧ୍ୟରେ ଅନୁଷ୍ଠିତ ହୋଇଥିଲା। 'ନ୍ୟୁଜ୍ ୱାରିୟର୍' ପ୍ରଥମେ ବ୍ୟାଟିଂକରି ନିର୍ଦ୍ଧାରିତ ୮ ଓଭରରେ ୩ ୱିକେଟ୍ ହରାଇ ୧୦୨ ରନ୍ କରିଥିବାବେଳେ ଜବାବରେ 'ରକ୍‌ଷ୍ଟାର୍ -୧୧' ନିର୍ଦ୍ଧାରିତ ଓଭରରେ ୩ ୱିକେଟ୍ ହରାଇ ମାତ୍ର ୯୮ ରନ୍‌କରି ପରାଜିତ ହୋଇଥିଲା। 'ନ୍ୟୁଜ୍ ୱାରିଅର୍'ର ସୁଭାଶିଷ ପାଢ଼ୀଙ୍କୁ 'ମେନ୍ ଅଫ୍ ଦ ମ୍ୟାଚ୍' ଘୋଷଣା କରାଯାଇଥିଲା। ଆଜିର ତୃତୀୟ ଲିଗ୍ ମ୍ୟାଚ୍ 'ନ୍ୟୁଜ୍ ୱାରିୟର୍' ଓ 'ଫୋକ୍ ଇଲେଭେନ୍' ମଧ୍ୟରେ ହୋଇଥିଲା। 'ନ୍ୟୁଜ୍ ୱାରିୟର୍' ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୩ ୱିକେଟ୍ ହରାଇ ୯୧ ରନ୍ କରିଥିବାବେଳେ ଜବାବରେ 'ଫୋକ୍ ଇଲେଭେନ୍' ମାତ୍ର ୭ ଓଭରରେ ୩ ୱିକେଟ୍ ହରାଇ ବିଜୟ ହାସଲ କରିଥିଲା। ଏଥିରେ ୫୦ ରନ୍‌ର କରିଥିବା 'ଫୋକ୍ ଇଲେଭେନ୍'ର ରାଜକୁମାର ବେସନଙ୍କୁ 'ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା।

ସମ୍ବଲପୁର ସେଲିବ୍ରିଟି ଲିଗ୍ ଆୟୋଜକ କମିଟି ସଦସ୍ୟ ନନ୍ଦକିଶୋର ସାହୁ, ବିପ୍ଳବ ଡନସନା, ଶଙ୍କର ବେହେରା ଓ ସରୋଜ ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ପ୍ରତିଯୋଗିତାରେ ମହମ୍ମଦ ଇସାକ୍, ପ୍ରଭଞ୍ଜନ ବଳ ଓ ପିୟୁଷ ଶର୍ମା ଅମ୍ପାୟାର ଦାୟିତ୍ୱ ତୁଲାଇଥିଲେ। ସୂର୍ଯ୍ୟନାରାୟଣ ତ୍ରିପାଠୀ ସ୍କୋରର୍ ଥିଲେ। ଭାଷ୍ୟକାର ଭାବେ ଦୀପକ ଗୁପ୍ତା ଓ ଅଜୟନାଥ ମ୍ୟାଚ୍ ଗୁଡ଼ିକର ଧାରା ବିବରଣୀ ପ୍ରଦାନ କରିଥିଲେ।

● ଭୂତମୁଣ୍ଡା ଜୟ ବୁଢ଼ାରଜା କ୍ରିକେଟ କପ୍

## ସେମିଫାଇନାଲରେ ଭୂତମୁଣ୍ଡା



ପାଇକମାଳ, ୨୮।୨(ସମିସ): ପାଇକମାଳ ବ୍ଲକ ମାଣ୍ଡୋସିଲ ପଞ୍ଚାୟତ ଭୂତମୁଣ୍ଡାରେ ଚାଲିଥିବା ୬ଷ୍ଠ ଭୂତମୁଣ୍ଡା ଜୟ ବୁଢ଼ାରଜା କ୍ରିକେଟ କପ୍‌ରେ ତିଳେଇଝରକୁ ହରାଇ ଭୂତମୁଣ୍ଡା ସେମିଫାଇନାଲରେ ପ୍ରବେଶ କରିଛି। ଶଶୀଭୂଷଣ ପଟେଲ ଓ କାଳିଆ ସେଠ ଖେଳ ପରିଚାଳନା କରିଥିଲେ। ମାଟୁ ପଟେଲ ସ୍କୋରର ଥିବା ବେଳେ ଭରତ ଧରୁଆ ଧାରାବିବରଣୀ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ସମାଜସେବୀ ତଥା ପାଇକମାଳ ବ୍ଲକ କଂଗ୍ରେସ ସଭାପତି ମହେନ୍ଦ୍ର ଖୁଣ୍ଟିଆ ଓ ସମ୍ମାନିତ ଅତିଥି ଭାବେ ଭୁପେନ୍ଦ୍ର ସାହୁ, ଦୁଷ୍ମନ୍ତ ସାହୁ, ଅନିଲ ଦାସ ଉପସ୍ଥିତ ଥିଲେ। ଏଥିରେ ନୂତନ ନାଗ, ଚକ୍ରଧର ପ୍ରଧାନ, ଅମୀୟ ପ୍ରଧାନ, ସୌମ୍ୟରଞ୍ଜନ ମହାନ୍ତି, ପ୍ରେମସାଗର ପ୍ରଧାନ, ଜୟକାନ୍ତ ମାଝୀ, ସୁଧୀର ନାଗ, ଭୋଜରାଜ ପଟେଲ ପ୍ରମୁଖ ସହଯୋଗ କରିଥିଲେ। ରବିବାର ସେମିଫାଇନାଲ ଓ ଫାଇନାଲ ମ୍ୟାଚ୍ ଖେଳାଯିବ ବୋଲି କମିଟି ସଭାପତି ଯଦୁମଣି ମାଝୀ ସୂଚନା ଦେଇଛନ୍ତି।

